# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**11th October - 2024**

**News Editor : *Tapan Kumar Maharana***

**************************************

***Desk***

## ନବରାତ୍ର ପୂଜା

ଆଦ୍ୟାଶକ୍ତି, ଜଗଦ୍ଧାତ୍ରୀ, ଜଗତ୍‌ଜନନୀ ମା' ଦୁର୍ଗାଙ୍କର ଆଗମନରେ ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି। ଶରତ୍‌କାଳ ଦେବୀଙ୍କର ଆବାହନ କାଳ ଭାବେ ଅଭିହିତ କରାଯାଇ ଷୋଡ଼ଶ ଦିନାତ୍ମକ, ନବରାତ୍ରି ଓ ତ୍ରିଦିନାତ୍ମକ ପୂଜା ଉତ୍ସବର ଅବତାରଣା କରାଯାଇଛି । ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜି ଶକ୍ତିପ୍ରଦାୟିନୀ ମା' ଦୁର୍ଗାଙ୍କର ନବମୀ ପୂଜା ଚାଲିଥିବାବେଳେ ପୂଜା ମଣ୍ଡପଗୁଡ଼ିକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଅଷ୍ଟମୀ ପୂଜା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଚାଲିଛି। ମହାସପ୍ତମୀରେ ଗତକାଲି ମା'ଙ୍କର ଚକ୍ଷୁଦାନ କରାଯାଇଥିଲା । ଆଜି ମହାଷ୍ଟମୀରେ ସନ୍ଧିପୂଜା କରାଯିବ । କଟକ ସହରରେ ଚାନ୍ଦିମେଢ଼ ସଂଖ୍ୟା ୩୪କୁ ମିଶାଇ ମୋଟ୍ ୧୭୦ଟି ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଉଛି ।

*Kalahandi/R*

## ଛତର ଯାତ୍ରା

କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା ଆଜି ଆରମ୍ଭ ହୋଇଛି । ପ୍ରତିବର୍ଷ ପରି ମହାଷ୍ଟମୀ ମଧ୍ୟରାତ୍ରିରେ ଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ମା' ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତରକୁ ଜେନାଖାଲକୁ ନିଆଯାଇଥିଲା । ସେଠାରେ ଗୁପ୍ତପୂଜା ପରେ ଆଜି ପ୍ରାତଃ ୪ଟାରୁ ଦେବୀଙ୍କ ଛତର୍‌ର ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ ହୋଇଛି ।

*Bhadrak/R*

## ଦଶହରା

ଭଦ୍ରକ ଜିଲ୍ଲା ଆରଡ଼ିର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ଥିବା ମା' ଜୟଦୁର୍ଗା ଆଜି ମହିଷାମର୍ଦ୍ଦିନୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ଜିଲ୍ଲାର ୪ଟି ପୌରାଞ୍ଚଳ ଓ ୭ଟି ବ୍ଲକ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ମୂର୍ତ୍ତି ମଣ୍ଡପରେ ପୂଜା ପାଉଛନ୍ତି ।

*BBSR/R*

# ଦୁର୍ଗାପୂଜା - ଶକ୍ତିବାହିନୀ

କଟକ-ଭୁବନେଶ୍ୱର କମିଶନରେଟ୍ ପୁଲିସ ପକ୍ଷରୁ ଦୁର୍ଗାପୂଜାରେ ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ଶକ୍ତିବାହିନୀ ଗଠନ କରାଯାଇଛି । ପୁଲିସ୍ କମିଶନର୍ ସୁରେଶ ଦେବଦତ୍ତ ସିଂହଙ୍କ ସୂଚନା ଅନୁସାରେ, ମୋଟ୍ ୪୦ ଜଣ ମହିଳା ପୁଲିସ୍ ଅଧିକାରୀ ଶକ୍ତିବାହିନୀରେ ଅଛନ୍ତି । ସେମାନେ ୨୦ଟି ସ୍କୁଟର୍‌ରେ ବିଭିନ୍ନ ପୂଜାମଣ୍ଡପ ଉପରେ ନଜର ରଖିବେ । ପାଟ୍ରୋଲିଂ ଦଳ ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧ କିମ୍ବା ଭିଡ଼ରେ ହଜିଯାଉଥିବା ଶିଶୁଙ୍କୁ ଉଦ୍ଧାର କରିବା ଦିଗରେ ସହାଯ୍ୟ କରିବେ ।

*BBSR/R*

# ମୁଖ୍ୟମନ୍ତ୍ରୀ - ପୂଜାମଣ୍ଡପ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱରର ବିଭିନ୍ନ ପୂଜାମଣ୍ଡପ ବୁଲିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀ ପୁରୁଣା ଭୁବନେଶ୍ୱର, ବରମୁଣ୍ଡା, ନୟାପଲ୍ଲୀ, ସହିଦନଗର ଓ ଲକ୍ଷ୍ମୀସାଗରର ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିବେ । ଆସନ୍ତାକାଲି କଟକର ବିଭିନ୍ନ ପୂଜାମଣ୍ଡପ ବୁଲି ଦେଖିବେ । ଏହାପରେ

କେନ୍ଦୁଝର ଗସ୍ତ କରି ସେଠାରେ ଚାଲିଥିବା ମା’ ଦୁର୍ଗାଙ୍କର ପୂଜା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ସାମିଲ୍ ହେବେ ।

***Desk***

## ଓ.ଜେ.ଇ.ଇ.

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା – ଓ.ଜେ.ଇ.ଇ. ପକ୍ଷରୁ ଗତକାଲି ଏମ୍.ବି.ବି.ଏସ୍. ଓ ବି.ଡି.ଏସ୍. ପାଠ୍ୟକ୍ରମରେ ନାମଲେଖାପାଇଁ ପରିବର୍ଦ୍ଧିତ ମେରିଟ୍ ଲିଷ୍ଟ ପ୍ରକାଶ ପାଇଛି । ଏହି ଲିଷ୍ଟ ଆଧାରାରେ ତୃତୀୟ ପଞ୍ଜୀକରଣ ପାଇଁ ଆଜି ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ । ଆଜିଠାରୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ଆବେଦନକାରୀ ଚଏସ୍ ଫିଲିଙ୍ଗ୍ କରିପାରିବେ । ଆସନ୍ତା ୧୮ ତାରିଖରେ ଚୂଡ଼ାନ୍ତ ସିଟ୍ ଆବଣ୍ଟନ କରାଯାଇ ୨୧ରୁ ୨୨ ତାରିଖ ମଧ୍ୟରେ ନାମଲେଖା ହେବ ।

***Desk***

## ଅଭୟାରଣ୍ୟରେ ଜନବସତି

ରାଜ୍ୟରେ ଥିବା ବନ୍ୟଜନ୍ତୁ ଅଭୟାରଣ୍ୟର ସଂରକ୍ଷିତ ଅଞ୍ଚଳରେ ୭୫୬ଟି ଗ୍ରାମ ରହିଛି ବୋଲି ବନବିଭାଗର ବନ୍ୟାପ୍ରାଣୀ ଶାଖା ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି । ରାଜ୍ୟରେ ୧୯ଟି ବନ୍ୟଜନ୍ତୁ ଅଭୟାରଣ୍ୟ ରହିଛି । ସେଥିମଧ୍ୟରୁ ୧୪ଟିରେ ଜନବସତି ବା ଛୋଟବଡ଼

ଗ୍ରାମ ରହିଛି । କେନ୍ଦ୍ରାପଡ଼ା ଜିଲ୍ଲା ଭିତରକନିକା ଜାତୀୟ ବନ୍ୟପ୍ରାଣୀ ଅଭୟାରଣ୍ୟରେ ସର୍ବାଧିକ ୩୫୮ଟି ଗ୍ରାମ ରହିଥିବାବେଳେ ସାତକୋଶିଆରେ ୧୨୫ଟି ଏବଂ କନ୍ଧମାଳର କୋଟଗଡ଼ରେ ୬୫ଟି ଗ୍ରାମ ରହିଛି । ବିଗତ ୩୦ ବର୍ଷ ମଧ୍ୟରେ ବନବିଭାଗ ପକ୍ଷରୁ ଶିମିଳିପାଳ, ସାତକୋଶିଆ, ଦେବ୍ରିଗଡ଼, ହଦଗଡ଼ ଆଦି ଅଭୟାରଣ୍ୟ ମଧ୍ୟରେ ଥିବା ବିଭିନ୍ନ ଗ୍ରାମର ୧୮୫୭ଟି ପରିବାରକୁ ସ୍ଥାନାନ୍ତର କରାଯାଇଛି । ରାଜ୍ୟ ସରକାର ସେମାନଙ୍କୁ ବିଭିନ୍ନ ସରକାରୀ ସହାୟତା ରାଶି ପ୍ରଦାନ କରିବା ସହ ପୁନଃ ଥଇଥାନ ପ୍ୟାକେଜ୍ ପାଇଁ ଆର୍ଥିକ ସହାୟତା ଦେଉଛନ୍ତି ।

***Desk***

# ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଆଜି ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ । ଲିଙ୍ଗଗତ ସମାନତା ଏବଂ କନ୍ୟା ସନ୍ତନକୁ ସମାନ ସୁଯୋଗ ଦେବା ନେଇ ଆଜି ଅନ୍ତର୍ଜାତୀୟ କନ୍ୟା ଦିବସ ପାଳନ କରାଯାଉଛି । ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ଶିକାର ନ ହେବାପାଇଁ ସଚେତନତାମୂଳକ ବାର୍ତ୍ତା ଦିଆଯାଉଛି । ଚଳିତ ବର୍ଷ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସର ବିଷୟ ରହିଛି "ଭବିଷ୍ୟତ ପାଇଁ କନ୍ୟାଙ୍କ ଦୂରଦୃଷ୍ଟି" । ସମଗ୍ର ବିଶ୍ୱରେ ଝିଅମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ କରିବା ଏବଂ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା

ସୁଯୋଗ ଯୋଗାଇଦେବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ୨୦୧୧ ମସିହା ଡିସେମ୍ବର ମାସ ୧୯ ତାରିଖରେ ଜାତିସଂଘ ସାଧାରଣ ପରିଷଦରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳନ ପାଇଁ ପ୍ରସ୍ତାବ ପାରିତ ହେବା ବରେ ୨୦୧୨ ମସିହାରୁ ବିଶ୍ୱସ୍ତରରେ ଏହି ଦିବସ ପାଳନ କରାଯାଉଛି ।

*****